# NATIONAL NEWS BULLETIN (ODIA)

## 22 March - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସମାଜର ଦିବ୍ୟାଙ୍ଗ ବର୍ଗଙ୍କ ପ୍ରତି ସମ୍ବେଦନଶୀଳତା ହିଁ ଦେଶର ସୁନାମ ନିର୍ଦ୍ଧାରଣ କରିଥାଏ, କହିଲେ ରାଷ୍ଟ୍ରପତି ।
- ଦେଶର ସୁରକ୍ଷା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ସାମୁଦ୍ରିକ ସୁରକ୍ଷା ସଂପର୍କିତ ଭାରତ-ୟୁରୋପୀୟ ସଂଘ ଆଲୋଚନା ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ
- ପଣବନ୍ଦୀଙ୍କୁ ମୁକ୍ତକରିବା ଲକ୍ଷ୍ୟ ନେଇ ଗାଜାରେ ଆକ୍ରମଣକୁ ଅଧିକ ତୀବ୍ର କରିବା ପାଇଁ ଇସ୍ରାଏଲ୍ ସେନାକୁ ନିର୍ଦ୍ଦେଶ

ଏବଂ

- ଆଜିଠାରୁ ଆରମ୍ଭ ହେଉଛି ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ

– ଉଦ୍‌ଘାଟନୀ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଓ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ହେବ ମୁକାବିଲା

# ପ୍ରେଜ୍- ପର୍ପଲ୍ ଫେଷ୍ଟ

ସମାଜର ଦିବ୍ୟାଙ୍ଗ ବର୍ଗଙ୍କ ପ୍ରତି ସମ୍ବେଦନଶୀଳତା ହିଁ ଦେଶର ସୁନାମ ନିର୍ଦ୍ଧାରଣ କରିଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଗତ ସନ୍ଧ୍ୟାରେ ପର୍ପଲ ଫେଷ୍ଟ୍ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଦୟା, ସମ୍ବେଦନଶୀଳତା ଏବଂ ସୌହାର୍ଦ୍ଦ୍ୟ ହେଉଛି ଭାରତୀୟ ସଂସ୍କୃତି ଓ ସଭ୍ୟତାର ମୂଲ୍ୟବୋଧ । ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବୁଝିବା, ଆପଣେଇବା ଏବଂ ବିଭିନ୍ନ ପଦକ୍ଷେପରେ ଅନ୍ତର୍ଭୁକ୍ତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O**

ସମ୍ବିଧାନରେ ସାମାଜିକ ନ୍ୟାୟ, ସମାନତା ଏବଂ ବ୍ୟକ୍ତିଗତ ମର୍ଯ୍ୟାଦା ସଂପର୍କରେ ମଧ୍ୟ ଉଲ୍ଲେଖ ରହିଛି । ବିକଶିତ ଭାରତ ଅଭିଯାନରେ ଦିବ୍ୟାଙ୍ଗଜନଙ୍କ ଭାଗିଦାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ରାଷ୍ଟ୍ରପତି ଏହି ଅବସରରେ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟ, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧୀନସ୍ଥ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗତକାଲି ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନଠାରେ ଦିବ୍ୟାଙ୍ଗଜନଙ୍କ ପ୍ରତିଭା,

ସଫଳତା ଏବଂ ଆକାଂକ୍ଷା ଆଧାରିତ ଦିନିକିଆ ପର୍ପଲ ଫେଷ୍ଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦିବ୍ୟାଙ୍ଗଜନଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଦେଖିଥିଲେ । ଉଦ୍‌ଘାଟନୀ ସମାରୋହରେ ବିଭାଗୀୟ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଅଧ୍ୟକ୍ଷତା କରିଥିଲେ ।

ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର କୁମାର କହିଛନ୍ତି, ୨୦୧୬ ମସିହାରୁ ଦିବ୍ୟାଙ୍ଗ ବ୍ୟକ୍ତି ଅଧିକାର ଆଇନ୍ କାର୍ଯ୍ୟକାରୀ ହେବା ପରଠାରୁ ଏହା ମାଧ୍ୟମରେ ଏହି ବର୍ଗର ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରାଯିବା ସହିତ ସେମାନଙ୍କ ମଧ୍ୟରେ ଆତ୍ମନିର୍ଭରତା ଓ ଦୃଢ଼ ମନୋବଳ ବୃଦ୍ଧି କରାଯାଇ ପାରିଛି । ଚଳିତ ବର୍ଷ ଏହି ପର୍ପଲ ଫେଷ୍ଟରେ ୬୫ ହଜାର ଦିବ୍ୟାଙ୍ଗଜନ ସେମାନଙ୍କ ନାମ ପଞ୍ଜିକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୨୫ ହଜାର ଏଥିରେ ଅଂଶଗ୍ରହଣ କରିଛନ୍ତି ।

# ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, କେନ୍ଦ୍ର ସରକାର ସନ୍ତ୍ରାସବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି । ରାଜ୍ୟସଭାରେ ଗତକାଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କାର୍ଯ୍ୟଶୈଳୀ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଏନ୍.ଡି.ଏ. ସରକାରଙ୍କ ଅମଳରେ ଗତ ୧୦ବର୍ଷ ମଧ୍ୟରେ ଦେଶର ସୁରକ୍ଷା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ

କରାଯାଇଛି । ଜାମ୍ମୁ କାଶ୍ମୀରରେ ସନ୍ତ୍ରାସବାଦ ଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୭୦ ପ୍ରତିଶତ ହ୍ରାସ ପାଇଛି । ଏଥିସହିତ ସେଠାରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ବୋଲି ସେ କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଦେଶର ସୁରକ୍ଷା ବ୍ୟବସ୍ଥାକୁ ଉଭୟ ରାଜନୈତିକ ବ୍ୟବସ୍ଥା ଏବଂ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ସଶକ୍ତ କରିଛନ୍ତି ।

ଦେଶର ବିକାଶ ଏବଂ ପ୍ରଗତି ପଥରେ ଦେଖାଦେଇଥିବା ବିଭିନ୍ନ ବାଧା ସମ୍ପର୍କରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ଜାମ୍ମୁ କାଶ୍ମୀରରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ଏବଂ ଉତ୍ତର ପୂର୍ବାଞ୍ଚଳରେ ବାମପନ୍ଥୀ ଉଗ୍ରବାଦ ଓ ବିଦ୍ରୋହ ତନ୍ମଧ୍ୟରୁ ଅନ୍ୟତମ । ତେବେ ସରକାର ଏହିସବୁ ଆହ୍ୱାନକୁ ଦୃଢ଼ ହସ୍ତରେ ଦମନ କରିବା ଲାଗି କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି । **V/O**

ଆଗାମୀ ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ହେବ ବୋଲି ଶ୍ରୀ ଶାହା ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି । ସେ କହିଛନ୍ତି, ନକ୍ସଲ ପ୍ରଭାବିତ ଅଞ୍ଚଳ ଗୁଡ଼ିକୁ ଇଣ୍ଟରନେଟ୍ ଉପଲବ୍ଧ କରାଇବା ସହିତ ସଡ଼କ ସଂଯୋଗୀକରଣ ବ୍ୟବସ୍ଥାକୁ ମଧ୍ୟ ଉନ୍ନତିକରଣ କରାଯାଇଛି । ସେହିସବୁ ଅଞ୍ଚଳରେ ନୂତନ ବ୍ୟାଙ୍କ୍ ଓ ଏଟିଏମ୍‌ମାନ ଖୋଲାଯାଇଛି । ଶ୍ରୀ ଶାହା କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ସରକାର କ୍ଷମତାକୁ ଆସିବା ପରେ ଉତ୍ତର ପୂର୍ବାଞ୍ଚଳରେ ସକ୍ରିୟ ଥିବା ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀଙ୍କ ସହିତ ସକାରାତ୍ମକ ଆଲୋଚନା

କରିଛନ୍ତି । ଏହାର ଫଳ ସ୍ୱରୂପ ୨୦୧୯ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀଙ୍କ ସହ ୧୨ଟି ଗୁରୁତ୍ୱପୂର୍ଣ୍ଣ ଶାନ୍ତି ରାଜିନାମା ସ୍ୱାକ୍ଷରିତ ହୋଇଛି । ଇତିମଧ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

ବେଆଇନ୍ ନିଶାଦ୍ରବ୍ୟ କାରବାର ସଂପର୍କରେ ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ୨୩ ହଜାର କିଲୋଗ୍ରାମ୍ ସିନ୍ଥେଟିକ୍ ଡ୍ରଗ୍ସ଼ ଜବତ କରାଯାଇ ନଷ୍ଟ କରାଯାଇଛି । ଆଧୁନିକ ପ୍ରଯୁକ୍ତି ବିଦ୍ୟା ଉପଯୋଗ ମାଧ୍ୟମରେ ସରକାର ନିଶାଦ୍ରବ୍ୟ କାରବାରକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ଶାହା ସୂଚନା ଦେଇଛନ୍ତି ।

## ଇଣ୍ଡିଆ -ଇୟୁ

ଚତୁର୍ଥ ଭାରତ-ୟୁରୋପୀୟ ସଂଘ ସାମୁଦ୍ରିକ ସୁରକ୍ଷା ସଂପର୍କିତ ଆଲୋଚନା ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ନିରସ୍ତ୍ରୀକରଣ ଏବଂ ଅନ୍ତର୍ଜାତୀୟ ସୁରକ୍ଷା ବ୍ୟାପାର ସଂକ୍ରାନ୍ତ ଯୁଗ୍ମ ସଚିବ ମୁଆନ୍ ପୁଇ ସାୟାଓ୍ୱି ଏବଂ ୟୁରୋପୀୟ ସଂଘର ବୈଦେଶିକ ସେବା ଓ ସୁରକ୍ଷା ଏବଂ ପ୍ରତିରକ୍ଷା ନୀତି ନିର୍ଦ୍ଦେଶକ ମାସିଏଜ୍ ଷ୍ଟାଡେଜେକ୍ ଏହି ଆଲୋଚନାରେ ଉଭୟ ପକ୍ଷର ନେତୃତ୍ୱ ନେଇଥିଲେ ।

ସୁରକ୍ଷିତ ସାମୁଦ୍ରିକ ପରିବେଶ ବଜାୟ ରଖିବା  ସଂପର୍କିତ ବିଭିନ୍ନ ପ୍ରସଙ୍ଗ ବୈଠକରେ  ଆଲୋଚନା ହୋଇଛି । ଏହି କ୍ଷେତ୍ରରେ ଭାଗିତାରିତା ଏବଂ ବ୍ୟାପକ ସାମୁଦ୍ରିକ ନିରାପତ୍ତା ପାଇଁ ଅନ୍ତର୍ଜାତୀୟ ଓ ଆଞ୍ଚଳିକ ବ୍ୟବସ୍ଥାକୁ ସୁଦୃଢ଼ କରିବାର ବିଭିନ୍ନ ମାର୍ଗ ଉପରେ ଉଭୟ ପକ୍ଷ ସମୀକ୍ଷା କରିଥିଲେ । ବେଆଇନ ସାମୁଦ୍ରିକ କାର୍ଯ୍ୟକଳାପକୁ ପ୍ରତିହତ କରିବା, ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଭିତ୍ତିଭୂମିର ସୁରକ୍ଷା,ଆଞ୍ଚଳିକ ଦକ୍ଷତା ବିକାଶ ଆଦି ପ୍ରସଙ୍ଗ ଗୁଡ଼ିକ ଉପରେ ଉଭୟ ପକ୍ଷ ମତ ବିନିମୟ କରିଥିବା ଜଣାପଡ଼ିଛି ।

## ଗାଜା

ଦକ୍ଷିଣ ଗାଜାର ରାଫା ଏବଂ ଉତ୍ତରାଞ୍ଚଳ ସହର ବୈତ୍ ଲାହିଆ ସମେତ ଏକାଧିକ ଅଞ୍ଚଳରେ ସ୍ଥଳ ଅଭିଯାନ ବୃଦ୍ଧିକୁ ଇସ୍ରାଏଲ୍ ସେନା ନିଶ୍ଚିତ କରିଛି । ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ କହିଛନ୍ତି, ଅବଶିଷ୍ଟ ପଣବନ୍ଦୀଙ୍କୁ ହମାସ ମୁକ୍ତ ନ କଲେ ଗାଜାରେ ଆକ୍ରମଣକୁ ଅଧିକ ତୀବ୍ର କରିବା ନେଇ ସେନାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ଥଳ ଆକ୍ରମଣରେ ବହୁ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି ।  ଅସ୍ତ୍ରବିରତି ଅବଧି ଶେଷ ହେବା ପରେ ଇସ୍ରାଏଲ୍ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ୫୯୦ରୁ ଅଧିକ ପାଲେଷ୍ଟାଇନ୍ ଅଧିବାସୀ ନିହତ ହୋଇଥିବା ଜଣାପଡ଼ିଛି । ଆକ୍ରମଣର ତୀବ୍ରତାକୁ ଲକ୍ଷ୍ୟ କଲେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ପାଲେଷ୍ଟାଇନ୍ ମେଡ଼ିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ଯୁଦ୍ଧ ଆରମ୍ଭ ହେବା ପରଠାରୁ

ଇତିମଧ୍ୟରେ  ୪୯ ହଜାର ୬୧୭ ଜଣ ପାଲେଷ୍ଟାନୀୟଙ୍କର ମୃତ୍ୟୁ ହୋଇଥିବା ବେଳେ ୧ ଲକ୍ଷ ୧୨ ହଜାର ୯୫୦ ଜଣ ଆହତ ହୋଇଛନ୍ତି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଜେରୁଜେଲମସ୍ଥିତ ବାସଭବନ ସମ୍ମୁଖରେ ଶତାଧିକ ବିକ୍ଷୋଭକାରୀ ଏକତ୍ରିତ ହୋଇ ଯୁଦ୍ଧ ବନ୍ଦ କରିବା ଏବଂ ଗାଜାରେ ଥିବା ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଦାବି କରିଛନ୍ତି ।

## ଇଣ୍ଡିଆ-ମଙ୍ଗୋଲିଆ

ଭାରତ ଓ ମଙ୍ଗୋଲିଆ ଦ୍ୱିପାକ୍ଷିକ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । କୂଟନୈତିକ ସଂପର୍କର ୭୦ତମ ବାର୍ଷିକୀ ପାଳନ ଅବସରରେ ଉଭୟ ଦେଶର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଗତକାଲି ନୂଆଦିଲ୍ଲୀଠାରେ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଜୟଦୀପ ମଜୁମ୍ଦାର ଏବଂ ମଙ୍ଗୋଲିଆ ବୈଦେଶିକ ସଚିବ ମନ୍ଖତୁସିଂଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଏହି ପରାମର୍ଶଦାତା  ବୈଠକରେ ମତ ବିନିମୟ କରିଥିଲେ । ଦ୍ୱିପାକ୍ଷିକ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ଏବଂ ଉଚ୍ଚସ୍ତରୀୟ ସଂପର୍କ ବଜାୟ ରଖିବା ଉପରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଛି । ବିକାଶମୂଳକ ଭାଗିଦାରୀ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଯୋଗାଯୋଗ, ସଂସ୍କୃତି, ଦକ୍ଷତା ବିକାଶ, ଖଣି, ପ୍ରତିରକ୍ଷା ଏବଂ ନିରାପତ୍ତା ସମେତ ବିଭିନ୍ନ କ୍ଷେତ୍ରର ସହଯୋଗ ପ୍ରସଙ୍ଗ ଆଲୋଚନାରେ

ସ୍ଥାନ ପାଇଥିଲା । କୂଟନୈତିକ ସଂପର୍କର ୭୦ତମ ବାର୍ଷିକୀ ପାଳନ ଅବସରରେ ଦୁଇଦେଶ ଏକାଧିକ ସ୍ମାରକୀ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସହମତ ହୋଇଛନ୍ତି ।

# ମୁଖ୍ୟବିଚାରପତି

ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଛନ୍ତି। ଆଇନ୍ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ି ପ୍ରକାଶ ପାଇଛି। ଜଷ୍ଟିସ୍ ଟଣ୍ଡନ୍ ବର୍ତ୍ତମାନ କଲିକତା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ଆହ୍ଲାବାଦ ହାଇକୋର୍ଟକୁ ବଦଳି ହୋଇଛନ୍ତି ।

# ଆଇପିଏଲ୍

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ଆକର୍ଷଣୀୟ ଉଦ୍‌ଘାଟନୀ ସମାରୋହ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ । ଏଥିରେ ଚଳଚ୍ଚିତ୍ର ଜଗତର ଅଭିନେତା, ଅଭିନେତ୍ରୀ ଓ କଣ୍ଠଶିଳ୍ପୀମାନେ ଅଂଶ ଗ୍ରହଣ କରିବେ । କୋଲକାତାଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ । ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଏହି

ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୦ଟି ଦଳ ଭାଗ ନେଉଛନ୍ତି । ଫାଇନାଲ୍ ମ୍ୟାଚ୍‌କୁ ମିଶାଇ ମୋଟ୍ ୭୪ଟି ମ୍ୟାଚ୍ ଏହି ସଂସ୍କରଣରେ ଖେଳାଯିବ । ଏହାର ଫାଇନାଲ୍ ମ୍ୟାଚ୍ ମେ ମାସ ୨୫ ତାରିଖ ରବିବାର ଦିନ କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଅନୁଷ୍ଠିତ ହେବ । ୧୦ଟିଯାକ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍-ଏ ରେ ଚେନ୍ନାଇ ସୁପର କିଙ୍ଗସ୍, ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ରାଜସ୍ଥାନ ରୟାଲ୍‌ସ, ପଞ୍ଜାବ କିଙ୍ଗ୍‌ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ରହିଛନ୍ତି । ଗ୍ରୁପ୍ -ବି ରେ ମୁମ୍ବାଇ ଇଣ୍ଡିଆନ୍ସ, ଗୁଜରାଟ ଟାଇଟାନ୍ସ, ଦିଲ୍ଲୀ କ୍ୟାପିଟାଲ୍‌ସ, ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ସ୍ଥାନିତ ହୋଇଛନ୍ତି ।

## ଖେଲୋ ଇଣ୍ଡିଆ

ଖେଲୋଇଣ୍ଡିଆ ପାରାଗେମ୍‌ସର ପ୍ରତିଯୋଗିତାର ଗତକାଲି ଦ୍ୱିତୀୟ ଦିନରେ ବ୍ୟାଡମିଣ୍ଟନ ଏବଂ ଅନ୍ୟାନ୍ୟ ଆଥ୍‌ଲେଟିକ୍ସ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ଠାରେ ଦୌଡ଼କୁଦ ପ୍ରତିଯୋଗିତା ଗୁଡ଼ିକରେ ପାରା କ୍ରୀଡ଼ାବିତ୍‌ମାନେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ । ଗତକାଲି ସୁଦ୍ଧା ତାମିଲନାଡୁ ୯ଟି, ହରିଆଣା ୭ଟି, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶ ୫ଟି ଲେଖାଏଁ ସ୍ୱର୍ଣ୍ଣପଦକ ପାଇଛନ୍ତି ।